# Akashvani, Sambalpur

## SAMBALPURI NEWS EVENING BULLETIN

**8 March 2025- 7.02 pm- 7.12 pm.**

*******************************************

୧- ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ୍ ଦିଗେ ମହିଳାମାନେ ବଡ଼୍ ଭୂମିକା ନଉଛନ୍- କହେଲେ ରାଷ୍ଟ୍ରପତି ।

୨- ପାଳିତ୍ ହେଲା ଅନ୍ତର୍ଜାତୀୟ ମହିଳା ଦିବସ୍ - ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ ।

୩- ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ପାଏଲେ ୧ କୋଟିନୁ ଅଏତ୍‌କା ମହିଳା ।

ଆଉର୍

୪- ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ମାନ୍‌କେ ହେଇଛେ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ମହିଳା ଦିବସ୍- ରାଷ୍ଟ୍ରପତି ଏନ୍‌ଏସ୍‌ଡି/ଏକ୍ସ

ଭାରତ୍ ଇହାଦେ ପୁର୍‌ଥିର୍ ୩ ନମ୍ବର୍ ଅର୍ଥନୀତି ହେବାର୍‌କେ ଯାଉଥିଲା ବେଲ୍‌କେ କର୍ମକ୍ଷେତ୍ରନ ଆହୁରି ଅଧିକା ମହିଳାମାନଙ୍କର ଭାଗିଦାରୀ ରହେବାର୍ ଦର୍‌କାର୍ ଅଛେ ବଲି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ନୂଆଦିଲ୍ଲୀଠାନେ 'ନାରୀ ଶକ୍ତି ସେ ବିକଶିତ୍ ଭାରତ୍' ସମାରୋହକେ ଉଦ୍‌ଘାଟନ୍ କରି କରି ରାଷ୍ଟ୍ରପତି କହିଛନ୍, ବିକଶିତ୍ ଭାରତ୍ ଲକ୍ଷ୍ୟ ପୂରଣ କର୍‌ବାର୍ ଦିଗେ ଦେଶର୍ ଝିଅମାନେ ବଡ଼ଟେ ଭୂମିକା ନଉଛନ୍ । ଯେତେବେଲେ ଭିଲ୍ ମହିଳାଙ୍କର୍ ପ୍ରତିଭାକେ ସମ୍ମାନ୍ ଦିଆଯାଇଛେ, ସେମାନେ କେଭେ ବି ନିରାଶ ନାଇ କରି । ସ୍ୱାବଲମ୍ବୀ, ସ୍ୱାଭିମାନୀ, ସ୍ୱାଧୀନ ଆଉ ସଶକ୍ତ ନାରୀମାନ୍‌କର୍ ବଲେ ବିକଶିତ୍ ଭାରତ୍‌ର ନିର୍ମାଣ କରାଯାଇ ପାର୍‌ବା ବଲି ରାଷ୍ଟ୍ରପତି କହିଛନ୍ । ଆମର୍ ସମାଜ୍ ନାରୀକେ ସବୁଦିନ ସମାନ୍ ସୁଯୋଗ୍ ଆର୍ ନ୍ୟାୟ ଦେଇ ଆସିଛେ ବଲି ରାଷ୍ଟ୍ରପତି କହେବାର୍ ସହେତେ ନିଜର୍ ଜୀବନ୍ କାହାଣୀର୍ ଉଦାହରଣ ଇ ଅବ୍‌ସରେ ଉପସ୍ଥାପନ୍ କରିଛନ୍ ।

(ଭଏସ୍ ଓଭର-ରାଷ୍ଟ୍ରପତି )

ଇ ସମ୍ମିଳନୀଥି ଆଏଜ୍ ଆଲୋଚନାଚକ୍ର ଆଉ ୩ଟା ବୈଷୟିକ୍ ଅଧିବେଶନ୍ ହେଇଛେ । କାର୍ଯ୍ୟକ୍ରମଥି ମହିଳା ଆଉ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଉପସ୍ଥିତ୍ ଥିଲେ ।

ମହିଳା ଦିବସ୍-ବାର୍ତା                ଏକ୍ସ

ସମାଜ୍‌ର ଭିନ୍ ଭିନ୍ କ୍ଷେତ୍ରନ ମହିଳାମାନଙ୍କର୍ ଅବଦାନ୍ ଆଉ ସଫଲ୍‌ତାକେ ସମ୍ମାନ୍ ଜନାବାର୍ ଲାଗି ମିଲିତ ଜାତିସଂଘ

ତର୍ଫୁ ୧୯୭୫ ମସିହାନୁ ଆଝିର୍ ଦିନ୍‌କେ ଅନ୍ତର୍ଜାତୀୟ ମହିଲା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ମହିଲା ଦିବସ୍‌ର ବାର୍ତା ହେଉଛେ 'ସବୁ ମହିଲା ଆର୍ ବାଲିକାମାନ୍‌କୁ ଅଧିକାର୍, ସମାନତା ଆର୍ ସଶକ୍ତ କର୍‌ବାର୍' ।

ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନାବାର୍ ସହେତେ ବିକଶିତ୍ ମାର୍ଗେ ଦେଶର୍ ଯାତ୍ରାଥି ମହିଲାଙ୍କୁ ସମର୍ଥନ୍ ଦେବାର୍‌କେ ଦେଶବାସୀଙ୍କୁ ଅନୁରୋଧ କରିଛନ୍ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ ଅବ୍‌ସରେ ଦେଶର୍ ମହିଲାମାନଙ୍କୁ ପ୍ରଣାମ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶ୍ରୀ ମୋଦୀ ଭିନ୍ ଭିନ୍ ଯୋଜ୍‌ନା ଆଉ କାର୍ଯ୍ୟକ୍ରମଥି ମହିଲା ସଶକ୍ତୀକରଣକେ ସର୍‌କାର ପ୍ରାଥମିକ୍‌ତା ଦଉଛନ୍ ବଲି କହିଛନ୍ ।

ଇ ଅବ୍‌ସରେ ରାଜ୍ୟପାଳ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭେଚ୍ଛା ଜନେଇକରି ସଫଲ୍‌ତାର୍ ଶିଘାକେ ପୁହୁଁଚିବାର୍ ଲାଗି ମହିଲାମାନଙ୍କର ଦୃଢ଼ ଇଚ୍ଛାଶକ୍ତିକେ ପ୍ରଶଂସା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଶୁଭେଚ୍ଛା ବାର୍ତାଥି ମହିଲାମାନ୍‌କର୍ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା, ଆର୍ଥିକ୍ ସଶକ୍ତୀକରଣକେ ତହଁକାବାର୍ ଲାଗି ସରକାର ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ ବଲି କହିଛନ୍ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଇ ଅବ୍‌ସରେ ବାର୍ତା ଦେଇକରି କହିଛନ୍, ରାଜ୍ୟ ସରକାରଙ୍କ ବହୁତ୍‌ଟେ ଆକାଂକ୍ଷିତ୍

ଯୋଜ୍ନା ମହିଲାଙ୍କର୍ ଆର୍ଥିକ୍ ସ୍ୱାଧୀନତା ଆଉ ବିକାଶ ଧାରାକେ ଦୁଇଗୁଣ କରିପାରିଛେ ।

ମହିଲା ଆଉ ଶିଶୁ ବିକାଶ ବିଭାଗ୍ ତର୍ଫୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଲା ଦିବସ୍ ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ଆଏଜ୍ ଉପର୍ବେଲା ହେଇଯାଇଛେ ।

ଏଲିନା- ଆନ୍ତର୍ଜାତିକ ମହିଲା ଦିବସ୍ ହି.ସ.

ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍ସରେ ଓଡ଼ିଆ ଆଣବିକ୍ ବିଜ୍ଞାନୀ ଏଲିନା ମିଶ୍ର ପ୍ରଧାନ୍ମନ୍ତ୍ରୀଙ୍କର୍ ସାମାଜିକ୍ ଗଣମାଧ୍ୟମ୍ ଏକାଉଂଟ୍କେ ଆଏଜ୍ ପରିଚାଲନା କରୁଛନ୍ । ଏଲିନା ସାମାଜିକ୍ ଗଣମାଧ୍ୟମ୍ଥି ଦେଶର୍ ମହିଲାମାନ୍କୁ ବିଜ୍ଞାନ୍ କ୍ଷେତ୍ରକେ ଆସ୍ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ସେ କହିଛନ୍, ଭାରତୀୟ ମହିଲାମାନ୍କର୍ ନ ବହୁତ୍ ପ୍ରତିଭା ରହିଛେ ଆଉ ବିଜ୍ଞାନ୍ କ୍ଷେତ୍ରଥି ସେମାନ୍କର୍ ଲାଗି କେତ୍ନିକେତେ ସମ୍ଭାବନା ରହିଛେ ।

ସୁଭଦ୍ରା- ମୁଖ୍ୟମନ୍ତ୍ରୀ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଅନ୍ତର୍ଜାତୀୟ ମହିଲା ଦିବସ୍ ଅବ୍ସରେ ଗଞ୍ଜାମ୍ ଜିଲ୍ଲାର୍ ବ୍ରହ୍ମପୁର୍ ଠାନେ

ରାଜ୍ୟର୍ ୧ କୋଟିନୁ ଅଏତ୍‌କା ମହିଲାଙ୍କୁ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତିର୍ ସାହାଜ୍ ଟଙ୍କା ବାଂଟିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଲକ୍ଷପତି ଦିଦି ତିଆର୍ କର୍‌ବାର୍‌ଥି ଓଡ଼ିଶା ଦେଶେ ୨ ନମ୍ବର୍ ଠାନେ ରହିଛେ । ମହିଲା ସଶକ୍ତିକରଣ୍ ଦିଗେ ଇଟା ବଡ଼୍‌ଟେ ସଫଲ୍‌ତା ଆଏ । ସର୍‌କାର୍ ମହିଲାମାନ୍‌କୁ ସାମାଜିକ୍ ରାଜନୈତିକ୍, ଅର୍ଥନୈତିକ୍ ସ୍ତର୍‌ଥି ବର୍‌କସ୍ କର୍‌ବାର୍ ଲାଗି ଲଗାତାର୍ ଚେରେଷ୍ଟା କରୁଛନ୍ । ଇ ଦିଗେ ସୁଭଦ୍ରା ଯୋଜ୍‌ନା ଗୁଟେ ବଡ଼୍ ଅଭିଯାନ୍ ହେବାର୍‌କେ ଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ବିକାଶ୍‌ମୂଲକ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଶିଲାନ୍ୟାସ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ମହିଲାମାନ୍‌କର୍ ବିକାଶ୍‌ଥି ସୁଭଦ୍ରା ଯୋଜ୍‌ନା ଗୁଟେ ଯୁଗାନ୍ତକାରୀ ଯୋଜ୍‌ନା ବଲି କହିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଉପସ୍ଥିତ୍ ଥିଲେ ।

ଇ-କେଓ୍ୱାଇସି-ସମୀକ୍ଷା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ରାଏଜେ ଇ-କେଓ୍ୱାଇସି ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ରାଏଜେ ଇହାଦେତକ୍ ପାଖାପାଖି ୯୨ ପ୍ରତିଶତ୍ ହିତାଧିକାରୀ ମାନ୍‌କର୍ ଇ-କେଓ୍ୱାଇସି ସରିଛେ । ପାଖାପାଖି ୩୦ ଲାଖ୍ ୮୪ ହଜାର୍ ଯୋଗାଣ ପ୍ରକ୍ରିୟାଥି ସାମିଲ୍ ନାଇଁ ହେଇଥିବା ହିତାଧିକାରୀଙ୍କର୍ ବାବ୍‌ଦେ ତଥ୍ୟ ହାସଲ୍ କର୍‌ବାର୍ ଲାଗି ଜିଲ୍ଲାପାଳ୍ ମାନ୍‌କୁ କୁହାଯାଇଛେ ବଲି ମନ୍ତ୍ରୀ କହିଛନ୍ । ସେନ୍ତା ରାଏଜେ ୩୦ ଟା ସର୍‌କାରୀ ସୁଲଭ ମୂଲ୍ୟ ଦୁକାନ୍‌କେ ଜନପୋଷଣ୍ କେନ୍ଦ୍ର ଭାବେ ପରୀକ୍ଷା ମୂଲକ୍ ହିସାବେ ବଦ୍‌ଲାଯାଇକରି ରାସନ୍ ଦରବ୍ ସହେତେ ପୁଷ୍ଟିକର ଖାଏବାର୍ ଦରବ୍ ଯୁଗେଇ ଦେବାର୍ ଲାଗି ପଦକ୍ଷେପ୍ ନିଆଯିବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ କଲାହାଣ୍ଡି/ବୌଦ୍ଧ/ସମ୍ବଲପୁର

ଇ ବଛ୍‌ରର୍ ପହେଲା ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଆଏଜ୍ ଓଡ଼ିଶା ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଥିବା ଅଦାଲତ୍‌ମାନ୍‌କେ ହେଇଯାଇଛେ । ହାଇକୋର୍ଟର ୮ ଝନ୍ ବିଚାର୍‌ପତି ଭିନ୍ ଭିନ୍ କୋର୍ଟଥି ମାମ୍‌ଲାମାନ୍‌କର୍ ଆପୋଷ ସମାଧାନ୍ କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ଆଇନସେବା ପ୍ରାଧିକରଣ୍ ତର୍‌ଫୁ ସିଭିଲ୍ କୋର୍ଟ ପରିସର୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଇ ଲୋକ୍ ଅଦାଲତ୍‌ଥି ପାଖାପାଖି ସବୁ ପ୍ରକାର୍ ବିଚାରାଧୀନ୍ ମାମ୍‌ଲା ସହେତେ ଅଲ୍‌ଗା ଦେଓ୍ୱାନୀ ମୋକଦ୍ଦମା ମାନ୍‌କର୍ ଆପୋଷ ସହମତିଥି ସମାଧାନ୍ କରାଯିବାର୍ ଲାଗି ବ୍ୟବସ୍ଥା କରାଯାଇଛେ ।

କଲାହାଣ୍ଡି ଜିଲ୍ଲାର୍ ସବୁ ବିଚାର୍ ବିଭାଗୀୟ ଅଦାଲତ୍ ମାନ୍‌କେ ଇ ବଛରର୍ ପହେଲା ରାଷ୍ଟ୍ରୀୟ ଲୋକ୍ ଅଦାଲତ ହେଇଯାଇଛେ । ଲୋକ୍‌ଅଦାଲତ୍‌ଥି ଜିଲ୍ଲା ଆଉ ଦୌରାଜଜ୍ ଆଉ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷଙ୍କର୍ ତତ୍ତ୍ୱାବଧାନ୍‌ଥି ଭିନ୍ ଭିନ୍ ଅଦାଲତ୍ ନ ପାଖାପାଖି ୨ ହଜାର୍ ୪ ଶହ ୭୮ ଟା ମାମ୍‌ଲାର୍ ଫଏସଲା ହେଇଥିଲା ।

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା ନ୍ୟାୟାଳୟ ପରିସର୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ଲୋକ୍‌ଅଦାଲତ୍‌ଥି ୮୨ ଟା ବିଚାରାଧୀନ୍ ମାମ୍‌ଲା ଆସିଥିଲା ବେଲ୍‌କେ ୨୮ ଟା ବେଙ୍କ୍ ବାବଦ୍ ପ୍ରାକ୍ ମକ୍‌ଦ୍ଦମା ମାମ୍‌ଲା ଫଏସଲା କରାଯାଇଥିଲା । ଇତାର୍‌ସହେତେ ହର୍‌ଭଙ୍ଗା ଆଉ କଂଟାମାଲ୍ କୋର୍ଟ ନ ଭିଲ୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ ।

ରାଜସ୍ୱ ମନ୍ତ୍ରୀ-ରେଲ୍ ସମୀକ୍ଷା         ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଝାର୍ସୁଗୁଡ଼ା, ସମ୍ବଲ୍ପୁର୍ ଆର୍ ସୁନ୍ଦର୍ଗଡ଼୍ ଜିଲ୍ଲା ଦେଇକରି ଯାଇଥିବା ରେଲ୍ପଥ ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ ଆଉ ବିକାଶ୍ କାମ୍ର ସମୀକ୍ଷା କରିଛନ୍ । ଝାର୍ସୁଗୁଡ଼ା ରେଲ୍ ଜଙ୍କ୍ସନ୍ ନ ଭିନ୍ ଭିନ୍ ବିକାଶ୍ମୂଲକ୍ କାମ୍ ଚାଲିଥିବାର୍ ବେଲେ ସେସବୁକେ ଜଲ୍ଦି ସାର୍ବାର୍ ଲାଗି ଝାର୍ସୁଗୁଡ଼ା ଜିଲ୍ଲାପାଲ୍ଙ୍କର୍ ସଭାଗୃହ ନ ଗୁଟେ ସମୀକ୍ଷା ବୈଠକ୍ ହେଇଥିଲା । ବୈଠକ୍ଥି ଚକ୍ରଧର୍ପୁର୍, ସମ୍ବଲ୍ପୁର୍ ଆର୍ ବିଲାସ୍ପୁର୍ ରେଲ୍ମଣ୍ଡଲ୍ର ବରିଷ୍ଠ ନିର୍ମାଣ ଆର୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଜମି ଅଧିଗ୍ରହଣ୍ ସମସ୍ୟାକେ ଜଲ୍ଦି ସମାଧାନ୍ କର୍ବାର ଲାଗି ମନ୍ତ୍ରୀ ଶ୍ରୀ ପୂଜାରୀ ଜିଲ୍ଲା ପ୍ରଶାସନ୍କେ ନିର୍ଦ୍ଦେଶ୍ ଦେଇଥିଲେ ।

ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ହି.ସ.

ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ଅବ୍ସରେ ବଲାଙ୍ଗିର୍ ଜିଲ୍ଲା ନ ସିଭିଲ୍ କୋର୍ଟ ପରିସର୍ ନ ଗୁଟେ ଅଣ ସଂକ୍ରାମକ ସ୍ୱାସ୍ଥ୍ୟ ଶିବିର ହେଇଯାଇଛେ । ସ୍ୱାସ୍ଥ୍ୟ ଶିବିର୍ଥି ମାହାଲିଆ ଉଷୋ ଦିଆଯିବାର୍ ସହେତେ ରକ୍ତନମୁନା ପରୀକ୍ଷା କରାଯାଇକରି ଡାକ୍ତର୍ଙ୍କର୍ ପରାମର୍ଶ ସେବା ଯୁଗେଇ ଦିଆଯାଇଥିଲା । ଶିବିର୍ଥି ଆଶାକର୍ମୀ, ମହିଲା ସ୍ୱାସ୍ଥ୍ୟକର୍ମୀ ଆର୍

ସ୍ୱାସ୍ଥ୍ୟକେନ୍ଦ୍ରର୍ ଭିନ୍ ଭିନ୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ମହିଳା ଦିବସ-ପଶ୍ଚିମ ଓଡ଼ିଶା ସମ୍ବଲ୍‌ପୁର୍/ ନୂଆପଡ଼ା

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ସମବାୟ ବିଭାଗ୍ ତର୍‌ଫୁ ଗୁଟେ ପଦଯାତ୍ରା ହେଇଯାଇଛେ । ପଦଯାତ୍ରା ସମବାୟ ସମିତି ସମୂହର୍ ସହକାରୀ ନିବନ୍ଧକଙ୍କର୍ ସମ୍ବଲ୍‌ପୁର୍ ମଣ୍ଡଲ୍ କାର୍ଯ୍ୟାଳୟନୁ ବାହାରିକରି ଜେଲ୍‌ଛକ୍, କଚ୍‌ରୀଛକ୍ ଦେଇକରି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ତକ୍ ଯାଇଥିଲା । ପଦଯାତ୍ରାକେ ଅତିରିକ୍ତ ଜିଲ୍ଲାପାଲ୍ ସୁଧାଂଶୁ ଭୋଇ ଶୁଭାରମ୍ଭ କରିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ୍ ପରିଷଦ୍ ତର୍‌ଫୁ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳିତ୍ ହେଇଯାଇଛେ । ଖଡ଼ିଆଲ୍ ବ୍ଲକ୍ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମହିଳାମାନେ ନିଜର୍ ପରିବାର୍ ଆର୍ ସମାଜ୍‌ଥି ନିଷ୍ପତି ନେବାର୍ ଅଧିକାର୍ ପାଇଥିବାର୍ ବେଲେ ସବୁ କ୍ଷେତ୍ରଥି ଆଗାଡ଼େ ରହିଛନ୍ ବଲି କହିଛନ୍ ।

ମହିଳା ଦିବସ ଦେବ୍‌ଗଡ଼୍/ କଳାହାଣ୍ଡି

ଦେବ୍‌ଗଡ଼୍ ଜିଲ୍ଲା ସମବାୟ ସମିତି ଉପନିବନ୍ଧକ୍ ମୋନିକା ରାୟଙ୍କର୍ ନେତୃତ୍ୱଥି ମହିଲା ଦିବସ୍ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ହେଇଥିଲା । ତାର୍ ଉତ୍‌ରୁ ବିଜୁ ପଟ୍ଟନାୟକ୍ ଅଡ଼ିଟୋରିୟମ୍ ଠାନେ ଗୁଟେ ସଭା ହେଇଥିଲା । ଇ ଅବ୍‌ସରେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ ଭିନ୍ କ୍ଷେତ୍ରର୍ ସଫଲ୍ ମହିଲାମାନ୍‌କୁ ପୁରସ୍କୃତ୍ କରାଯାଇଥିଲା । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀଙ୍କର୍ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ଦେଖାଯାଇଥିଲା ।

ସେନ୍ତା କଲାହାଣ୍ଡି ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଅନ୍ତର୍ଜାତୀୟ ମହିଲା ଦିବସ୍ ପାଲିତ୍ ହେଇଯାଇଛେ ।

ସୁଭଦ୍ରା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ନୂଆ ମାଣିକେଶ୍ୱରୀ ବିଦ୍ୟାଲୟ ପଡ଼ିଆଠାନେ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ବଂଟା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଲ୍ ସଚିନ୍ ପାଓ୍ୱାର୍ ପ୍ରକାଶ୍ ଆର୍ ଭିନ୍ ଭିନ୍ ଅଧିକାରୀ ଆଉ ଜନପ୍ରତିନିଧିମାନେ ଯୋଗ୍ ଦେଇଥିଲେ । ସୁଭଦ୍ରା ଯୋଜ୍‌ନା ଲାଗି ଜିଲ୍ଲାର୍ ୪ ଲାଖ୍ ୫ ହଜାର୍ ହିତାଧିକାରୀ ଆବେଦନ୍ କରିଥିଲା ବେଲ୍‌କେ ୩ ଲାଖ୍

୮୫ ହଜାର୍ ହିତାଧିକାରୀ ୨ ନମ୍ବର୍ କିସ୍ତି ସାହାଜ୍ ପାଇଛନ୍ । ସୁଭଦ୍ରା ସାହାଜ୍ ଟଙ୍କା ପାଏବାର୍ ଉତ୍ରୁ ଜିଲ୍ଲାର୍ ଝନେ ହିତାଧିକାରୀ କହିଛନ୍...

(ଭଏସ୍ ଓଭର୍-ହିତାଧିକାରୀ)

ହୀରାକୁଦ୍ ଅତିରିକ୍ତ ସ୍ପିଲ୍‌ୱେ କାମ        ସମ୍ବଲ୍‌ପୁର୍ ସମ୍ବାଦଦାତା

ହୀରାକୁଦ୍ ଡେମ୍‌ର ଡେବ୍‌ରୀ ଫାଲର୍ ନିର୍ମାଣାଧୀନ୍ ଅତିରିକ୍ତ ସ୍ପିଲ୍‌ୱେ କାମ୍ ଫେର୍‌ଘାଏ ମୁଲ୍ ହେବା । ତଲ୍‌ମୁଣ୍ଡେ ଧନ୍‌ଜୀବନ୍ ରକ୍ଷା ଉଭିଦ ଆଉ ଜୀବଜନ୍ତୁମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ସର୍‌କାର୍ ଇ ନିଷ୍ପତି ନେଇଛନ୍ । ଇଥିର୍‌ଲାଗି ୯ ଝନିଆ ଟିମ୍ ଆଏଜ୍ ହୀରାକୁଦ୍ ଗସ୍ତଥି ଯାଇକରି ହୀରାକୁଦ୍‌ର ଅତିରିକ୍ତ ସ୍ପିଲ୍‌ୱେ ବିସ୍ଥାପିତ୍ ହେବାର୍‌କେ ଥିବା ଅଂଚଲ୍ ସାଇଫୁନ୍ ଅଂଚଲ୍ ବୁଲି ଦେଖିବାର୍ ସହେତେ ଅଶୋକ ନିବାସ୍ ନ ଗୁଟେ ବୈଠକ୍ କରିଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୪/୫ ଦିନ୍ ପାଗ୍ ଏନ୍ତା ଶୁଖା ରହେବା ଆର୍ ତାପମାତ୍ରାଥି କିଛି ପରିବର୍ତନ୍ ନାଇଁ ହୁଏ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼

କରାଯାଇଛେ । ସେନ୍ତା ବଲାଙ୍ଗିର୍ ନ ୩୭ ଦଶ୍ମିକ୍ ୫, ସମ୍ବଲ୍ପୁର୍ ନ ୩୬ ଦଶମିକ୍ ୯, ଝାର୍ସୁଗୁଡ଼ା ନ ୩୬ ଦଶ୍ମିକ୍ ୮, ସୋନ୍ପୁର୍ ନ ୩୬ ଦଶ୍ମିକ୍ ୭ ଆର୍ ଟିଟିଲାଗଡ୍ ନ ୩୬ ଦଶ୍ମିକ୍ ୫ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।